ପଞ୍ଚାନନ ମେଳା

ବା ଆଖଣ୍ଡଳମଣିଙ୍କ ମେଳା

ପଞ୍ଚାନନ ମେଳା
ବା
ଆଖଣ୍ଡଳମଣି ମେଳା

ନମଇଁ ପାର୍ବତୀ କୁମର । ଅଶେଷ ବିଘ୍ନ ନାଶ କର ॥
ଜୟ ହେ ଆଖଣ୍ଡଳ ମଣି । ପାର୍ବତୀ ପତି ଶୂଳପାଣି ॥
ନମାମି ବୃଷଭ ବାହନ । ତ୍ରିଶୂଳ ହସ୍ତ.ପଞ୍ଚାନନ ॥
ଯାହାର ମହିମା ଅପାର । ଯାଙ୍କୁ ସେବନ୍ତି ସୁର ନର ॥
ତାହାଙ୍କ ମହିମାରୁ ଲେଶ । ବର୍ଣ୍ଣିବା ମୋହର ମାନସ ॥
ଶୁଣ ସୁଜନେ ଦେଇ ମନ । ପଞ୍ଚାନନ ମେଳାର ବିଧାନ ॥
ଶୁଣିଣ ହୋଇବ ସନ୍ତୋଷ । ପଦ ପଦକେ ସୁଧା ରସ ॥
ଗ୍ରାମର ନାମ ହରିପୁର । ମାଧବ ମିଶ୍ର ବିପ୍ରବର ॥
ନିତ୍ୟାନ୍ତ ଦରିଦ୍ର ଅଟଇ । କିଛି ସନ୍ତାନ ତା'ର ନାହିଁ ॥
ତା ନାରୀ ନାମ ଲୀଳାବତୀ । ସୁନ୍ଦରୀ ସେହୁ ପତିବ୍ରତୀ ॥
ସେ ବିପ୍ର ଭିକ୍ଷା କରେ ନିତ୍ୟ । ଯାହା ମିଳିବ ଅକସ୍ମାତ୍ ॥
ବ୍ରାହ୍ମଣୀ କରଇ ଆନନ୍ଦ । ସୁଖେ ବଞ୍ଚନ୍ତି ବେନିଜନ ॥
ଏମନ୍ତେ କେତେ ଦିନ ଗଲା । ଶୁଣ ହେ ଈଶ୍ୱରଙ୍କ ଲୀଳା ॥
ପୂର୍ବ ଅର୍ଜିତ କର୍ମ ଦୋଷ । ବ୍ୟାଧି ଏ ହୋଇଲା ପ୍ରବେଶ ॥
ସେ ବିପ୍ର ଉଠି ନ ପାରଇ । ଆକୁଳେ ତା ଦେହ କମ୍ପଇ ॥
ସହଯେ ଘରେ ନାହିଁ ବିତ୍ତ । ବ୍ରାହ୍ମଣୀ ହୋଇ ଆକୁଳିତ ॥
ଭିକ୍ଷା ସେ କରି ନ ପାରିଲା । ଖାଇବା କଷ୍ଟ ଭାବ ହେଲା ॥
ସ୍ୱାମୀକି କରିଣ ବିନୟ । କହଇ ଶୁଣ ପ୍ରାଣପ୍ରିୟ ॥
ସାଳନ୍ଦୀ ନଦୀ ତୀରେ ଜାଣ । ଆଁରେଡ଼ି ଗ୍ରାମେ ବିଦ୍ୟମାନ ॥
ତହିଁରେ ଆଖଣ୍ଡଳ ମଣି । ବିରାଜମାନ ଶୂଳପାଣି ॥
ତାହାଙ୍କୁ ସେବି ନରରାଣ । ଆପଦୁ ତରନ୍ତି ବହନ ॥

ଭଲ ହୁଅନ୍ତି ରୋଗୀମାନେ । ଅନ୍ଧ ଯେ ଲଭଇ ନୟନେ ॥

ଦୁଃଖୀର ହୁଏ ଦୂର ଦୁଃଖ । କହନ୍ତି କଥା ଜନ୍ମ ମୂକ ॥

ବଧିର କରଇ ଶ୍ରବଣ । ଛୋଟା ଯେ କରେ ବିଚରଣ ॥

ଦରିଦ୍ର ହୁଏ ଧନବାନ । ଅପୁତ୍ରୀ ଲଭଇ ନନ୍ଦନ ॥

ତୁମ୍ଭେ ଯେ ଏବେ ଚଳିଯାଅ । ସେ ପ୍ରଭୁଙ୍କର ଆଶ୍ରାନିଅ ॥

ଭଲ ହୋଇବ ତୁମ୍ଭ ରୋଗ । କରିବ ନାନା ସୁଖ ଭୋଗ ॥

ବ୍ରାହ୍ମଣ କହଇ ବଚନ । କେମନ୍ତେ କରିବ ଗମନ ॥

ବସିବାଠାରୁ ସେ ନ ଉଠେ । ଚାଲିବା ସାହାସ ନ ଘଟେ, ॥

ପଥ ଅଟଇ ବହୁ ଦୂର । ଏଥକୁ କହ ତୁ ବିଚାର ॥

ବ୍ରାହ୍ମଣୀ ବୋଲନ୍ତି ଉତ୍ତର । ବାଡ଼ି ଖଣ୍ଡିଏ କରେ ଧର ॥

ତାହାଙ୍କ ନାମ ଗାଇ ଗାଇ । ଯାଅ ହେ ତୁମ୍ଭେ ଧିର ହୋଇ ॥

ଶରୀର ଆରୋଗ୍ୟ ହୋଇବ । ଈଶ୍ୱର ଦର୍ଶନ କରିବ ॥

ଶୁଣି ବ୍ରାହ୍ମଣ ବେଗେ ଉଠି । କରେ ଧଇଲା ଏକ ଯଷ୍ଟି ॥

ସୁମରି ମଣିଙ୍କର ନାମ । ସଧିରେ କରଇ ଗମନ ॥

କେତେକ ପଥ ଚଳିଗଲା । ତେଣିକି ଯାଇ ନ ପାରିଲା ॥

ସହଜେ ଅଛି ଅନାହାର । ବ୍ୟାଧିରେ ପିଡ଼ିତ ଶରୀର ॥

ନିଦାଘ ଗ୍ରୀଷ୍ମମର କାଳ । ବ୍ରାହ୍ମଣ ହୋଇଲା ଆକୁଳ ॥

ନିକଟେ ବଟବୃକ୍ଷ ଚାହିଁ । ଶୋଇଲା ତା'ର ତଳେ ଯାଇ ॥

ବିଚାରେ ଚାଲି ନ ପାରିବି । ଏଠାରେ ନିଶ୍ଚୟ ମରିବି ॥

ଡାକିବି ଆଖଣ୍ଡଳମଣି । ନିସ୍ତାର କର ଶୂଳପାଣି ॥

ନୋହିଲେ ଯାଉଛି ପରାଣ । ରଖ ହେ ପାର୍ବତୀ ରମଣ ॥

ସାଷ୍ଟାଙ୍ଗେ ପ୍ରଣାମ ଯେ କଲା । ସେ ବୃକ୍ଷ ମୂଳରେ ଶୋଇଲା ॥

ତାହା ଜାଣିଲେ ଉମାଈଶ । ଧରିଣ ସନ୍ନ୍ୟାସୀର ବେଶ ॥

ଜଟା ବିଭୂତି ମନୋହର । ରୁଦ୍ରାକ୍ଷ ମାଳା ଯେ କଣ୍ଠର ॥

କଟିରେ ରଙ୍ଗ ବସ୍ତ୍ର ଜଡ଼ି । ହସ୍ତେ ଧରିଣ ଆଶା ବାଡ଼ି ॥

ବ୍ରାହ୍ମଣ ପାଶରେ ମିଳିଲେ । ଉଠହେ ବିପ୍ର ଡାକ ଦେଲେ ॥

କେ ତୁମ୍ଭେ କାହିଁକି ଏଠାରେ । ଶୋଇଛ କହ ମୋ ଆଗରେ ।।
ତକ୍ଷଣେ ଉଠି ବିପ୍ରବର । ଦେଖି ହୋଇଲେ ଚମତ୍କାର ।।
ବୋଇଲେ ଶୁଣହେ ଗୋସାଇଁ । ମୋର ଜୀବନେ ଆଶା ନାହିଁ ।।
ଅତି ଦରିଦ୍ର ମୁଁ ବ୍ରାହ୍ମଣ । ଭିକ୍ଷା ମାଗିଣ ନିଏ ଦିନ ।।
କର୍ମର ଦୋଷେ ରୋଗୀ ହେଲି । ତେଣୁ ମଣିଙ୍କ ଆଶ୍ରା ନେଲି ।।
ତାଙ୍କ ଦର୍ଶନ ପାଇଁ ମୁହିଁ । ଯାଇଣ ଥିଲି ହେ ଗୋସାଇଁ ।।
କ୍ଷୁଧା ରୋଗରେ କାୟା କ୍ଷୀଣ । ନ ଉଠେ ମୋହର ଚରଣ ।।
ଦର୍ଶନ ପାଇଁ ଯାଇଥିଲି । ଆଉ ମୁଁ ଚାଲି ନ ପାରିଲି ।।
ଘରକୁ ନ ଯିବି ବାହୁଡ଼ି । ଏଠାରେ ମରିବି ମୁଁ ପଡ଼ି ।।
କାହିଁ ଅଟଇ ତୁମ୍ଭ ମଠ । କହ ହେ ନ କରି କପଟ ।।
ସନ୍ନ୍ୟାସୀ ବୋଲୁଛି ବଚନ । ଆରଡ଼ି ଗ୍ରାମେ ମଠ ଜାଣ ।।
ନାମ ମୋ ମହାଦେବ ଦାଶ । ମଣିଙ୍କ ପାଶେ ମୋର ବାସ ।।
ଯେ କଥା କହୁଅଛି ମୁହିଁ । ତାହାକୁ ଶୁଣ ମନ ଦେଇ ।।
ଆରୋଗ୍ୟ ହୋଇଲେ ଶରୀର । ଦର୍ଶନ କରିବୁ ଈଶ୍ୱର ।।
ଗୃହକୁ ବାହୁଡ଼ିଣ ଯାଅ । ପଞ୍ଚାନନଙ୍କ ମେଳା ଦିଅ ।।
ଦ୍ରବ୍ୟ ଯେ ନ ଲାଗେ ବହୁତ । ପାଞ୍ଚ ପଇସା ଲୋଡ଼ା ମାତ୍ର ।।
ଗଞ୍ଜାଇ ଏକ ପାହି ମାତ୍ର । ପଇସାକର ଅଟେ ଘୃତ ।।
କଦଳୀ ପାହିକର ଜାଣ । ଗୁଆ ଯେ ଗୋଟିଏ ମାଗିଣ ।।
ତ୍ରିଶାଖା ବେଲପତ୍ର ପୁଣ । ପାଞ୍ଚୋଟି ଆଣିବ ତୋଳିଣ ।।
ରଜନୀ ପାଞ୍ଚ ଘଡ଼ିଠାରେ । ମେଳା ଯେ ସ୍ଥାପିବ ଗୃହରେ ।।
ଡକାଇ ପ୍ରିୟ ବନ୍ଧୁଗଣ । ପୂଜିବ ଶିବଙ୍କ ଚରଣ ।।
ମାର୍ଜନା କରାଇଣ ସ୍ଥାନ । ସ୍ଥାପିବ ସୁବିଦ୍ୟ ଆସନ ।।
ତ୍ରିମୁଖ ରଖିବ ତହିଁର । ଗନ୍ଧ ପୁଷ୍ପାଦି ଉପଚାର ।।
ଘିଅ ବଳିତା ଲଗାଇବ । ଶିବଙ୍କୁ ଅର୍ଚ୍ଚନା କରିବ ।।
ଶର୍କରା ଦୁଧ ଯେ ଗଞ୍ଜାଇ । କଦଳୀ ମିଶାଇବ ତହିଁ ।।
ଯତନେ ପଣା ଯେ କରିବ । ପ୍ରଭୁଙ୍କୁ ନଇବେଦ୍ୟ ଦେବ ।।
ପୁଣି ବୋଲଇ ସେ ବ୍ରାହ୍ମଣ । ମୁହିଁ ଯେ ଅତି ଦିନହୀନ ।

ପଇସା କାହୁଁ ପାଇବଇଁ । ବୋଲନ୍ତି ସନ୍ୟାସୀ ଗୋସାଇଁ ॥
ମଣିଙ୍କ ଆଶ୍ରା ତୁହି କର । ପଇସା ମିଳିବ ନିକର ॥
କହିଣ ଏମନ୍ତ ବଚନ । ସନ୍ୟାସୀ ହେଲେ ଅନ୍ତର୍ଦ୍ଧାନ ॥
ସନ୍ୟାସୀ କଥା ଦୃଢ଼ କରି । ଗୃହକୁ ଦ୍ୱିଜ ଆସେ ଫେରି ॥
ପଥରେ ଏକ ମହାଜନ । ଦେଇଛି ଅନ୍ନଜଳ ଦାନ ॥
ସେ ଅଟେ ଶୁଦ୍ଧ ଦ୍ୱିଜବର । ସେଠାରେ ନ କରେ ଆହାର ॥
ପାଞ୍ଚ ପଇସା ଦେଇ ତା'ରେ । ବିଦାୟ କରେ ବିନୟରେ ॥
ସେଠାରେ ବ୍ରାହ୍ମଣ ମିଳିଲା । ଖାଇବା ପାଇଁ ନାସ୍ତିକଲା ॥
ପାଞ୍ଚ ପଇସା ତହୁଁ ପାଇ । ଆନନ୍ଦେ ଗୃହକୁ ଚଳଇ ॥
ଗୃହରେ ଯାଇଣ ମିଳିଲା । ପତ୍ନୀରେ ସମସ୍ତ କହିଲା ॥
ଶୁଣି ବ୍ରାହ୍ମଣୀ ତୋଷ ହୋଇ । ସ୍ୱାମୀଙ୍କି ଏମନ୍ତ ବୋଲଇ ॥
ହେଳା କରିବା ନୁହେଁ ଭଲ । ବହନ ହାଟକୁ ହେ ଚାଲ ॥
ବ୍ରାହ୍ମଣ ତହୁଁ ଚଳିଗଲା । ହରିଶଙ୍କର ହାଟେ ହେଲା ॥
କଦଳୀ ଶର୍କରା ଗଞ୍ଜାଇ । ଆନନ୍ଦେ କିଣିଲା କ ତହିଁ ॥
ଆଣିବା ପାଇଁ ଘୃତ କ୍ଷୀର । ମିଳିଲା ଗୋପାଳର ଘର ॥
ତା ନାମ ଅଟେ ବନ୍ଧୁ ଦାସ । ଗୋରୁ ମହିଷି ତା ବିଶେଷ ॥
ପ୍ରତ୍ୟହ ଦୁଇ ଯେ ମହଣ । ଦୁଧ କରାଇବ ଦୋହନ ॥
ତା'ର ନିକଟେ ବିପ୍ର ଯାଇ । ଦୁଇ ପଇସା ଦେଲା ଥୋଇ ॥
ବୋଲଇ ଦିଅ ଘୃତ କ୍ଷୀର । ନେବି ମୁଁ ଦୁଇ ପଇସାର ॥
ଗୋପାଳ ପଇସାକୁ ନେଇ । ଘୃତ ସେ ଆଣିଣ ଦିଅଇ ॥
ଦୁଗ୍ଧ ଯେ ପୁଣି ଦେଲା ଆଣି । ତହିଁରେ ମିଶାଇଲା ପାଣି ॥
ତା ଘେନି ଦ୍ୱିଜ ଚଳିଗଲା । ଗୃହରେ ପ୍ରବେଶ ହୋଇଲା ॥
ଗୋପାଳ ଛନ୍ଦ ତହୁଁ କଲା । ତା ଦୁଧ ରକ୍ତ ବର୍ଣ୍ଣ ହେଲା ॥
ଗୋପାଳ ଛାଡ଼ିଣ ବୋବାଳି । ବ୍ରାହ୍ମଣ ଦ୍ୱାରେ ଯାଇ ମିଳି ॥
ବୋଇଲା ଶୁଣ ହେ ଗୋସାଇଁ । ସେ ଦୁଧ ଅଛି ମାରା ହୋଇ ॥
ଦୁଗ୍ଧ ଘେନିଣ ଦ୍ୱିଜ ଗଲା । ଗୋପାଳ ଗୃହେ ପ୍ରବେଶିଲା ॥
ଭାଣ୍ଡରେ ଢାଳିଦେଲା କ୍ଷୀର । ହୋଇଲା ପୂର୍ବର ପ୍ରକାର ॥

ଗୋପାଳ ଆନନ୍ଦ ହୋଇଲା । ଧେନୁ ଯେ ଗୋଟିଏ ଦୁହିଁଲା ॥
ସେ ଦୁଧ ଘେନିଣ ବ୍ରାହ୍ମଣ । ମିଳିଲା ଆପଣା ଭୁବନ ॥
ସର୍ବ ପଦାର୍ଥ ଠୁଳ କଲା । ବେଲପତ୍ରୀ ତୋଳି ଆଣିଲା ॥
ତ୍ରିଶାଖା ବେଲପତ୍ରୀ ଗୋଟି । ତୋଳି ସେ ଆଣିଲା ପାଞ୍ଚଟି ॥
ପଡ଼ିଶା ସାହିକି ସେ ଗଲା । ଅକ୍ଷୁର୍ଣ୍ଣ ଗୁଆ ଏ ମାଗିଲା ॥
ଶୁଣି ପଡ଼ିଶା ଯେ ବୋଲଇ । ତୋତେ କି ଲାଜ ନ ମାଡ଼ଇ ॥
ତ୍ରିନାଥ ବୋଲି ମେଳା ନାମ । କରନ୍ତି ସମସ୍ତ ଯେ ଜନ ॥
ତୁ ଏବେ ହୋଇଣ ବାତୁଳା । କରୁଛି ପଞ୍ଚାନନ ମେଳା ॥
ଯେ ମେଳା ଦେଖାଶୁଣା ନାହିଁ । ସେ ମେଳା କର କାହିଁପାଇଁ ॥
ଗୁଆ ଯେ ନାହିଁ ଆମ ଘରେ । ବାହୁଡ଼ି ଯାଅ ତୋର ପୁରେ ॥
ଶୁଣି ବ୍ରାହ୍ମଣ ଚଳିଗଲା । ପଥରେ ଗୁଆ ଏ ପାଇଲା ॥
ଗୁଆକେ ନାହିଁ କିଛି ଖୁଣ । ଦେଖି ଆନନ୍ଦ ସେ ବ୍ରାହ୍ମଣ ॥
ଗୃହରେ ପ୍ରବେଶ ହୋଇଲା । ମେଳାର ବିଧି ଭିଆଇଲା ॥
ଗୃହକୁ କରାଇ ମାର୍ଜନ । ଆସ୍ଥାନ କରିଲା ସ୍ଥାପନ ॥
ଗୁଆକୁ ତଥିପରେ ଥୋଇ । ଗନ୍ଧ ଚନ୍ଦନ ପୁଷ୍ପ ଦେଇ ॥
ବେଲପତ୍ରୀ ଯେ ଭକ୍ତିଭରେ । ନେଇଣ ଦେଲା ପ୍ରଭୁ ଶିରେ ॥
ବାମରେ ସ୍ଥାପିଲେ କଳସ । ବିଧିରେ ପୂଜିଲା ଗଣେଶ ॥
ରମ୍ଭା ଶର୍କରା କ୍ଷୀର ତହିଁ । ଗଞ୍ଜାଇ ବାଟିଣ ମିଶାଇ ॥
ପଣା କରିଣ ସମର୍ପିଲା । ପ୍ରଭୁଙ୍କୁ ନଇବେଦ୍ୟ ଦେଲା ॥
ଘୃତର ବତୀ ଲଗାଇଣ । ନମଃ ଶିବାୟ ଉଚ୍ଚାରିଣ ॥
ଉଦ୍ଧାର ଆଖଣ୍ଡଳମଣି । ମୁଖେ କହିଲା ପୁଣି ପୁଣି ॥
ଆରୋଗ୍ୟ ହୋଇଲା ଶରୀର । ଲଭିଲା ସମ୍ପଦ ଅପାର ॥
ମେଳାର ନିନ୍ଦା ଯେହୁ କଲା । ଅକ୍ଷୁର୍ଣ୍ଣ ଗୁଆ ଏ ନ ଦେଲା ॥
ତା ନାମ ଅଟେ ରାଧୁ ସାହୁ । ଜାତିରେ ବୈଶ୍ୟ ଅଟେ ସେହୁ ॥
ତାହାର ଏକଇ ନନ୍ଦନ । କରିଣ ଥିଲା ସେ ଶୟନ ॥
ତାହାକୁ ସର୍ପ ଯେ ଦଂଶିଲା । ଝାଡ଼ନ୍ତେ ବିଷ ନ ଝଡ଼ିଲା ॥
ତା ମାତା ପିତା ତହିଁ ମିଳି । ଛାଡ଼ିଲେ ଉଚ୍ଚରେ ବୋବାଳି ॥

ଶୁଣି ଯେ ସାଧବ ବ୍ରାହ୍ମଣ । ବୋଇଲା ତାକୁ ଏ ବଚନ ॥
ପାଞ୍ଚୋଟି ମେଳା ତୁହି ମାନ । ବଞ୍ଚିବ ତୋହର ନନ୍ଦନ ॥
ଏକଥା ଶୁଣି ରାଧୁସାହୁ । ବହନ ଶୋକ ତେଜି ତହୁଁ ॥
ମେଳାର ଧଣ୍ଡା ବେଲପତ୍ରୀ । ପୁତ୍ର ମୁଖେ ଦେଲା ତଡ଼ତି ॥
ମେଲା ଯେ ମାନନ୍ତେ ବହନ । ଉଠି ବସିଲା ତା ନନ୍ଦନ ॥
ନିର୍ବିଶ ହୋଇଲା ଶରୀର । ବୋଇଲା ଉଦ୍ଧାର ହେ ହର ॥
ଏମନ୍ତ ବୈଶ୍ୟ ରାଧୁ ସାହୁ । ମେଳା ଯେ ଆରମ୍ଭିଲା ତହୁଁ ॥
ଡକାଇ ସୁବେଦୀ ବ୍ରାହ୍ମଣ । ମେଳା ଯେ କଲାକ ଭିଆଣ ॥
ହାଟକୁ ବେଗେ ଚଳିଗଲା । ସକଳ ସଉଦା ଆଣିଲା ॥
ପଇସା ନେଇଣ ତା ପୁଅ । କିଣି ଆଣିଲା ଦୁଧ ଘିଅ ॥
ବେଲପତ୍ରୀ ଯେ ଆଣି ତୋଳି । ପଡ଼ିଶା ଘର ଗଲା ଚଳି ॥
ଅକ୍ଷୂର୍ଣ୍ଣ ଗୁଆ ମାଗିଆଣି । ମେଳା ଯେ ଆରମ୍ଭିଲା ପୁଣି ॥
ପ୍ରିୟ ବନ୍ଧୁଙ୍କୁ ଆମନ୍ତ୍ରିଲା । ଯଥା ବିଧିରେ ମେଳା କଲା ॥
ସେ ଗ୍ରାମେ ଯାର ଜମିଦାରୀ । ଶ୍ରୀ ଜଗନ୍ନାଥ ଚୌଧୁରୀ ॥
ତାହାର ହେଲା ସାତ ଝିଅ । ଗୋଟିଏ ମାତ୍ର ନାହିଁ ପୁଅ ॥
ମେଳା ସେ କଲା ମାନସିକ । ଯେବେ ହୋଇବ ମୋ ବାଳକ ॥
ଦେବି ଯେ ପଞ୍ଚମେଳା ମୁହିଁ । ଏକଥା ମୋର ସତ୍ୟ ହୋଇ ॥
ମେଳା ଯେ ସମ୍ପୂର୍ଣ୍ଣ କରାଇ । ପ୍ରସାଦ ମାନ ବାଣ୍ଟି ଖାଇ ॥
ବାହୁଡ଼ି ଗଲେ ଯେଝା ଘର । ଏ ଅନ୍ତେ ଶୁଣ କଥାସାର ॥
ସେ ଜଗନ୍ନାଥ ଚଉଧୁରୀ । ଗର୍ଭ ହୋଇଲା ତାର ନାରୀ ॥
ଜନ୍ମିଲା ଉତ୍ତମ ନନ୍ଦନ । ରୂପ ଗୁଣରେ ଅନୁପମ ॥
ପୁତ୍ର ପାଇଣ ଭୋଳ ହେଲା । ଶିବଙ୍କ ମେଳା ପାଶୋରିଲା ॥
ଏ ରୂପେ କିଛି ଦିନ ଗଲା । ତା'ର ନନ୍ଦନ ଖେଳୁଥିଲା ॥
ପିହୁଳା ନାମେ ପ୍ରେତ ଜର । ମାଡ଼ି ବସିଲା ତା ଶରୀର ॥
ଚାହିଁଛି ମଟ ମଟ ହୋଇ । ହସ୍ତ ପଦାଦି ନ ଚଳଇ ॥
ଅତି ଦୁଃଖେ ସେ ଜମିଦାର । ବସିଛି ଆପଣା ବାସର ॥
ସନ୍ନ୍ୟାସୀ ବେଶ ଧରି ପୁଣି । କହିଲେ ଆଖଣ୍ଡଳମଣି ॥

ପୁତ୍ର ତୋହାର ନୋହିବାରୁ । ପଞ୍ଚମେଳା ତୁହି ମାନିଲୁ ॥
ଅବଜ୍ଞା କଲୁ ପଞ୍ଚାନନେ । ଏ ଦଣ୍ଡ ଦେଲେ ସେ ନନ୍ଦନେ ॥
ତେଜିଣ ଦୁଃଖ ଚଉଧୁରୀ । ପ୍ରଭୁଙ୍କ ମହିମା ସୁମରି ॥
ଶର୍କରା ରମ୍ଭା ଘୃତ କ୍ଷୀର । ଗଞ୍ଜାଇ କିଣିଲା ସତ୍ୱର ॥
ପଡ଼ିଶା ସାଇକି ସେ ଗଲା । ଗୁଆଏ ମାଗିଣ ଆଣିଲା ॥
ତ୍ରିଶାଖା ବେଲପତ୍ରୀ ଦେଖି । ତୋଳି ଆଣିଲା ହୋଇ ସୁଖୀ ॥
ପ୍ରଭୁଙ୍କ ମେଳା ପୂର୍ଣ୍ଣ କଲା । ପ୍ରସାଦ ପୁତ୍ର ମୁଖେ ଦେଲା ॥
ହୋଇଲା ଭଲ ତା କୁମର । ମଣିଙ୍କ ମହିମା ଅପାର ॥
ଏମନ୍ତ କହଇ ବିଧିର । ଆସିଣ ଥିଲା ମେଳାଠାର ॥
ଯହିଁ ଯାହାର ମେଳା ହୁଏ । ଶ୍ରବୀରେ ସେଠାକୁ ସେ ଯାଏ ॥
ଅନନ୍ତ ନାମେ ଧନେଶ୍ୱର । ଶାସ୍ତ୍ରାଦିରେ ସେ କବିବର ॥
ସଭାରେ ବୋଲି କହିପାରେ । ସେ ଥିଲା ମେଳାର ମଧ୍ୟରେ ॥
କାଲକୁ ବୋଇଲେ ସେ ହସି । ଡାକୁଛି କିମ୍ପା ଏଥି ବସି ॥
ପଢ଼ିଣ ଶ୍ଳୋକ ନୀତି ଶାସ୍ତ୍ର । ସଭାରେ କରିଲା ସେ ଅର୍ଥ ॥
ବାନର କଣ୍ଠେ ମୁକ୍ତାମାଳ । ସେ କି ଜାଣଇ ତାର ମୂଲ ॥
ମିଷ୍ଟାନ୍ନ କରିଲେ ଆହାର । ସ୍ୱାଦ କି ଜାଣେ କି ଶୂକର ॥
ଦୀପ ଜାଳିଲେ ଅନ୍ଧ ପାଶ । ତାହାକୁ ହୁଅଇ କି ଦୃଶ୍ୟ ॥
କାଲକୁ ସେହିପରି ଗୀତ । ଏହାର ଆସିବା ବିଅର୍ଥ ॥
ସଭାରେ କଲା ଉପହାସ । ଶୁଣି ସମସ୍ତେ ହସ ହସ ॥
କାଲ ଆଡ଼କୁ ଚାହିଁକରି । ଅନନ୍ତ ମାରିଲା ସେ ତାଳି ॥
କାଲ ଜାଣିଲା ତା ମାନସ । ମୋତେ କରନ୍ତି ଉପହାସ ॥
ମୋତେ ତ କିଛି ଶୁଭୁ ନାହିଁ । ତେଣୁ ହସନ୍ତି ମୋତେ ଚାହିଁ ॥
ବଧିର ଗଲା ନିଜ ଘର । କର୍ମକୁ କରିଣ ଧିକ୍କାର ॥
ମଣିଙ୍କ ପାଦ ପଦ୍ମ ଧ୍ୟାୟୀ । ରାତ୍ରିରେ ଉପବାସେ ରହି ॥
ଗୁପ୍ତରେ ଆଖଣ୍ଡଳମଣି । ତାହାକୁ ବୋଇଲା ଏ ବାଣୀ ॥
ତୁ ଏବେ ମୋର ମେଳା ଦେଇ । ବେଲପତ୍ରୀ ପାଦୁକା ନେଇ ॥

ପକାଇ ଦେବୁ ତୋର କର୍ଣ୍ଣେ । ଶୁଭିବ ତୋତେ ଯେ ଶ୍ରବଣେ ॥
ନିଦ୍ରାରୁ ଉଠିଣ ବଧିର । କଲା ମେଳାର ଉପଚାର ॥
ସୁଜ୍ଞାନୀ ବ୍ରାହ୍ମଣ ଡକାଇ । ଶିବଙ୍କ ମେଳା ଯେ ଦିଅଇ ॥
ଧଣ୍ଟା ପାଦୁକା ବିଶ୍ୱାସରେ । ପକାଇ କର୍ଣ୍ଣର ଭିତରେ ॥
ସାଷ୍ଟାଙ୍ଗେ କଲା ଦଣ୍ଡବତ । ବୋଲଇ ରଖ ପଞ୍ଚମାଥ ॥
ଏମନ୍ତେ ପାଞ୍ଚମେଳା କଲା । ତହିଁ ତା କର୍ଣ୍ଣକୁ ଶୁଭିଲା ॥
ସର୍ବେ ହୋଇଲେ ଚମତ୍କାର । ବୋଇଲେ ଧନ୍ୟ ମହେଶ୍ୱର ॥
ଅନନ୍ତ ପରିହାସ କଲା । କାଲକୁ ଦେଖି ଗାଳି ଦେଲା ॥
ତାହାକୁ ହେଲା ଶିବଜ୍ୱର । ପୁଣି ସେ ହୋଇଲା ବଧିର ॥
ଲୋକେ ବୋଲନ୍ତି ତାକୁ ଚାହିଁ । ଏହାର ଲେଶ ବୁଦ୍ଧି ନାହିଁ ॥
କାଲକୁ ପରିହାସ କଲା । ମେଳାକୁ ନ ଆସ ବୋଇଲା ॥
ଦେଖ ସେ କାଲକୁ ଶୁଭିଲା । ତା ରୋଗ ଏହାକୁ ଗ୍ରାସିଲା ॥
ଶୁଣି ଅନନ୍ତ ଧନେଶ୍ୱର । ଆମ୍ଭାକୁ କଲାକ ଧିକାର ॥
ବିଚାରେ ହସିଲା କାଲକୁ । ନିନ୍ଦିଲା ଶିବଙ୍କ ମେଳାକୁ ॥
ସେ ଯୋଗୁଁ ଲଭିଣ କଷଣ । ଡାକିଲା ରଖ ପଞ୍ଚାନନ ॥
କାଲକୁ ଡାକିଣ ସେକ୍ଷଣି । ତା ଘରୁ ମେଳା ଧଣ୍ଟା ଆଣି ॥
ଜଳରେ ବୁଡ଼ାଏ ତତ୍‌କ୍ଷଣ । ପକାଏ ଆପଣାର କର୍ଣ୍ଣ ॥
ଧଣ୍ଟାକୁ ମୁଖରେ ପାଇଲା । ମାନିଲା ଦେବି ପାଞ୍ଚମେଳା ॥
ଆରୋଗ୍ୟ ହୋଇଲା ଶରୀର । କର୍ଣ୍ଣ ବଧିର ହେଲା ଦୂର ॥
ସେ ଧନେଶ୍ୱର ଅନନ୍ତ ହିଁ । ମେଳାର ବିଧି କରି ତହିଁ ॥
ଗଞ୍ଜାଇ ରମ୍ଭା ଘୃତ କ୍ଷୀର । ତ୍ରିଶାଖା ବେଲ ଯେ ପତର ॥
ଅଣାଇ ସୁଯୋଗ୍ୟ ବ୍ରାହ୍ମଣ । ଗୁଆ ଯେ ଆଣିଲା ମାଗିଣ ॥
ପ୍ରିୟ ବନ୍ଧୁକୁ ସେ ଡକାଇ । ଆନନ୍ଦେ ମେଳା ସମର୍ପଇ ॥
ସେ ଗ୍ରାମେ ଏକ ଅନ୍ଧ ଥିଲା । ମେଳା ଦେଖିବ ମନେକଲା ॥
ଅଣ୍ଡାଳି ଚାଲୁଅଛି ବାଟ । ଲୋକ ଯାଆନ୍ତେ ହେଲା ଭେଟ ॥
ତାହାଙ୍କୁ ଦେଖି ପଚାରିଲା । କେଣିକି ଯାଉଛ ବୋଇଲା ॥

ଅନ୍ଧକୁ ବୋଇଲେ ଯେମାନେ । ଯାଉଛୁ ମେଳା ଦରଶନେ ॥
ଅନ୍ଧ ଯେ ବିନୟେ ବୋଲଇ । ମୋତେ ସଙ୍ଗରେ ନିଅ ଭାଇ ॥
ଅନ୍ଧ ଯେ ଯଷ୍ଟି ଧରି ଧୀରେ । ଗଲା ତାଙ୍କର ସଙ୍ଗତରେ ॥
ମେଳାରେ ହୋଇଲା ପ୍ରବେଶ । ଏ ଅନ୍ତେ ଶୁଣ ଅନ୍ୟ ରସ ॥
ମେଳା ଯେ ହୋଇଲା ସମ୍ପୂର୍ଣ୍ଣ । ପ୍ରସାଦ ଖାଇବେ ବାଣ୍ଟିଣ ॥
ବେଲପତ୍ର ଯେ ଧଣ୍ଡା ପୁଣ । ପାତ୍ରରେ ଅଛନ୍ତି ରଖିଣ ॥
ସେ ପାତ୍ର ଅଛି ଏକଠାଇଁ । ସମସ୍ତେ ଧଣ୍ଡା ପାନ୍ତି ଯାଇଁ ॥
ଅନ୍ଧ ଯେ ଅଣ୍ଡାଳି ଅଣ୍ଡାଳି । ପାତ୍ର ପାଶରେ ଯାଇ ମିଳି ॥
ନିରେଖି ଅନ୍ଧ ଅନାଇଲା । କିଛିତେ ଧଣ୍ଡା ଦୃଶ୍ୟ ହେଲା ॥
ଧଣ୍ଡାକୁ ଆଣି ଭକ୍ତି ଭରେ । ପାଇଲା ଅତ୍ୟନ୍ତ ଶ୍ରଦ୍ଧାରେ ॥
ଅନ୍ଧ ବୋଲଇ ତହିଁ ଭାଷ । କିଛିତେ ହେଇଅଛି ଦୃଶ୍ୟ ॥
ମୋହର ଚକ୍ଷୁ ଭଲ ହେଲେ । ପାଞ୍ଚମେଳା ମୁଁ ଦେବି ଭଲେ ॥
ନମଃ ଶିବାୟ ମୁଖେ କହି । ଅନ୍ଧ ଯେ ସାଷ୍ଟାଙ୍ଗେ ନମଇଁ ॥
ସମସ୍ତେ ହୋଇ ଏକ ମୁଖ । ଡାକିଲେ ପଞ୍ଚାନନ ରଖ ॥
ଅନ୍ଧର ନେତ୍ର ଭଲ ହେଉ । ତୁମ୍ଭର ଯଶ ଖ୍ୟାତି ରହୁ ॥
ନମସ୍ତେ ଅନ୍ଧ ଯେ ଉଠିଲା । କର ଯୋଡ଼ିଣ ଉଭା ହେଲା ॥
ସେ ଉଭା ହୋଇବାର ବେଳେ । ଝୁଣ୍ଟି ପଡ଼ିଲା ମହୀତଳେ ॥
ପଡ଼ନ୍ତେ ଲଭିଲା ନୟନ । ସମସ୍ତେ କଲେ ଧନ୍ୟ ଧନ୍ୟ ॥
ଧନ୍ୟ ସେ ଆଖଣ୍ଡଳେଶ୍ୱର । ତାଙ୍କର ମହିମା ଅପାର ॥
ଏ ରୂପେ ମେଳା କରି ପୂର୍ଣ୍ଣ । ଗଲେ ସେ ଯେ ଯାହା ଭବନ ॥
ଏ ଅନ୍ତେ ଶୁଣ ଆନ ରସ । ଅନ୍ଧ ତା ମନ୍ଦିରେ ପ୍ରବେଶ ॥
ଶର୍କରା ରମ୍ଭା ଘୃତ କ୍ଷୀର । ଗଞ୍ଜାଇ କିଣିଲା ସତ୍ୱର ॥
ତ୍ରିଶାଖା ବେଲପତ୍ରୀ ଜାଣ । ପାଞ୍ଚଟି ଆଣିଲା ତୋଳିଣ ॥
ଡକାଇ ସୁବିଜ୍ଞ ବ୍ରାହ୍ମଣ । କଲାକ ମେଳାର ବିଧାନ ॥
ସାହି ପଡ଼ିଶା ପ୍ରିୟଜନ । ସବୁଙ୍କୁ କଲା ନିମନ୍ତ୍ରଣ ॥
ରଜନୀ ପାଞ୍ଚ ଘଡ଼ି ଠାରେ । ମାର୍ଜନା କରାଇଲା ଘରେ ॥

ବ୍ରାହ୍ମଣ ନାମ କୃପାନିଧି । ଆରମ୍ଭେ ଶିବ ମେଳା ବିଧି ॥
ଭବ୍ୟ ଆସନ ସ୍ଥାପି ତହିଁ । ଗୁବାକ୍ଷ ବସାଇଲେ ନେଇ ॥
ବାମରେ ସ୍ଥାପିଲା କଳସ । ପୂଜିଲା ବିଧିରେ ଗଣେଶ ॥
ଗନ୍ଧ ଚନ୍ଦନ ବେଲପତ୍ରୀ । ଦେଇ ପୂଜଇ ପଶୁପତି ॥
ଧୂପ ଦିପାଦି ସମର୍ପିଲା । ବିଧିରେ ଆବାହନ କଲା ॥
ଗଞ୍ଜାଇ ଯତ୍ନରେ ବଟାଇ । ଶର୍କରା ରମ୍ଭା କ୍ଷୀର ଦେଇ ॥
ତୁରିତେ ପଣା କରାଇଲା । ଶିବଙ୍କୁ ନଇବେଦ୍ୟ ଦେଲା ॥
ଘୃତର ବତୀକି ଜଳାଇ । ନମଃ ଶିବାୟ ବୋଲି କହି ॥
ସଭାରେ ଥିଲେ ଯେତେ ଜନ । ଭକ୍ତିରେ କରିଲେ ପ୍ରଣାମ ॥
ଏ ଅନ୍ତେ ଶୁଣ ଆନ ରସ । ମଣିଙ୍କ ମହିମା ଅଶେଷ ॥
ନାମ ତା ସଦାନନ୍ଦ ସାହୁ । ଜାତିରେ ଗୁଡ଼ିଆଟି ସେହୁ ॥
ହାଟକୁ ସେ ତ ଯାଇଥିଲା । ତାହାକୁ ସର୍ପେକ ଦଂଶିଲା ॥
ବିଷ ଜ୍ୱାଳାରେ ଦେହ ଜଳେ । ଦଉଡ଼େ ପ୍ରାଣର ବିକଳେ ॥
ଗୁଣିଆ ନ ପାଇଣ ସେହି । ଗ୍ରାମରେ ପହଞ୍ଚିଲା ଯାଇ ॥
ଲୋକ ଯେ ରୁଣ୍ଡ ହୋଇଛନ୍ତି । ପୂଜନ୍ତି ଦେବ ଉମାପତି ॥
ତାହାକୁ ବୋଇଲେ ବଚନ । କିମ୍ପା ହେଉଛୁ ତୁ ଉଛନ୍ନ ॥
ଗୁଡ଼ିଆ ବୁଝାଇ କହିଲା । ମୋତେ ତ ଦନ୍ତାଘାତ ହେଲା ॥
ଖୋଜି ଗୁଣିଆ ନ ପାଇଲି । ଏଠାରେ ଆସିଣ ମିଳିଲି ॥
ତୁମ୍ଭେ ଯେ କରୁଅଛ କିସ । ସର୍ବେ ବୋଇଲେ ତୁମ୍ଭେ ବସ ॥
ପଞ୍ଚାନନଙ୍କୁ କର ଧ୍ୟାନ । ତୋ ବିଷ ହରିବେ ବହନ ॥
ଶୁଣି ଗୁଡ଼ିଆ ବିଶ୍ୱାସରେ । ବସିଲା ମେଳାର ପାଶରେ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ବୋଇଲେ ରଖ ଉମାକାନ୍ତ ॥
ନମଃ ଶିବାୟ ମୁଖେ ଭାଷି । ସେଠାରେ ମେଳା ଶୁଣେ ବସି ॥
ମେଳା ଯେ ହୋଇଲା ସମ୍ପୂର୍ଣ୍ଣ । ଆନନ୍ଦ ହୋଇ ସର୍ବଜନ ॥
ପ୍ରସାଦ ବାଣ୍ଟିଣ ଖାଇଲେ । ଭକ୍ତିରେ ଧଣ୍ଡାକୁ ପାଇଲେ ॥
ଗୁଡ଼ିଆ ବସିଥିଲା ତହିଁ । ତା ଅଙ୍ଗେ ଆଉ ବିଷ ନାହିଁ ॥
ସଭା ଜନଙ୍କ ମୁଖ ଚାହିଁ । ହରଷେ ବଚନ ଭାଷଇ ॥

ମୋ ଅଙ୍ଗୁ ବିଷ ହେଲା ନାଶ । ମୋତେ ରଖିଲେ ଉମାଈଶ ॥
ଶୁଣି ସମସ୍ତେ ଆନନ୍ଦେଣ । ବୋଇଲେ ଧନ୍ୟ ପଞ୍ଚାନନ ॥
ଧନ୍ୟ ସେ ଆଖଣ୍ଡଳମଣି । ମହା ମହିମା ଶୂଳପାଣି ॥
କଳିରେ ପ୍ରତ୍ୟକ୍ଷ ଠାକୁର । ଡାକିଲେ ଦିଅନ୍ତି ଉତ୍ତର ॥
ଏମନ୍ତ ମେଳା କରି ଶେଷ । ଗଲେ ସେ ଯେ ଯାହାର ବାସ ॥
ବଧୀର ଅନ୍ଧ ଯେତେ ଥିଲେ । ମଣିଙ୍କ ନାମେ ମୁକ୍ତ ହେଲେ ॥
ଛୋଟା ଯେ ପାଇଲା ଚରଣ । ନିର୍ଦ୍ଧନ ଲଭିଲେ ଯେ ଧନ ॥
ରୋଗୀ ରୋଗରୁ ମୁକ୍ତ ହେଲା । ଅପୁତ୍ରୀ ସୁପୁତ୍ର ଲଭିଲା ॥
ସର୍ପର ବିଷ ହେଲା ଲୀନ । ମୂକ ଯେ କହିଲା ବଚନ ॥
ସୁଜନେ ନ ଧରିବ ଦୋଷ । ଯାହା କହିଲେ ଉମାଈଷ ॥
ସ୍ୱପନେ ଆଖଣ୍ଡଳମଣି । ସନ୍ନ୍ୟାସୀ ରୂପ ଧରି ପୁଣି ॥
କହିଲେ ମୋତେ ଏ ବଚନ । ମୋ ମେଳା କର ତୁ ରଚନ ॥
ଖଣ୍ଡିବ ପ୍ରାଣୀଙ୍କ ଆରତ । ମୋ ନାମହେବ ଲୋକେ ଖ୍ୟାତ ॥
ଯେ ପରିହାସ କରେ ଯାକୁ । ତା ବଂଶ ଲଭନ୍ତି ନାଶକୁ ॥
ନାନାଦି ରୋଗହିଁ ଘଟିବ । ବହୁତ ବିପତ୍ତି ପଡ଼ିବ ॥
ଭୂତ ପ୍ରେତାଦି ଯୋଗ୍ନୀଗଣ । ରହିବେ ତାହାର ଗୃହେଣ ॥
ତାହାର ନାହିଁ ଗତିମୁକ୍ତି । ଶେଷ ନରକେ କରେ ଗତି ॥
ସେ ଯାହା କରିବ ପ୍ରଭେଦ । ଶିବଲିଙ୍ଗେ ଯେ ପାଣି ଦେବ ॥
ଅଟଇ ପ୍ରମାଣ ଏ କଥା । ଏଥକୁ ସାକ୍ଷୀ ପଞ୍ଚମଥା ॥
ତାହାଙ୍କ ପୂଜାର ନିମିତ୍ତ । ପାଞ୍ଚଗୋଟି ପଇସା ମାତ୍ର ॥
ଶର୍କରା ପକ୍ୱ ରମ୍ଭା ଘୃତ । କ୍ଷୀର ଗଞ୍ଜାଇ ଏ ସମସ୍ତ ॥
ପ୍ରତ୍ୟେକ ଏକ ପଇସାର । କିଣିଣ ରଖିବ ସତ୍ୱର ॥
ପ୍ରତିବେଶୀଙ୍କ ଠାରୁ ପୁଣି । ଅକ୍ଷୁର୍ଣ୍ଣ ଗୁଆ ମାଗିଆଣି ॥
ତ୍ରିଶାଖା ବେଲ ପତ୍ରି ପୁଣ । ପାଞ୍ଚୋଟି ରଖିବ ତୋଳିଣ ॥
ଦିବସ କି ଅବା ରାତ୍ରରେ । ପୂଜିବ ପାଞ୍ଚଘଡ଼ିଠାରେ ॥
ଗୃହ ବାହାର ନାହିଁ ଭିନ୍ନ । କି ଅବା ଶମଶାନ ବନ ॥
ସୁବେଦୀ ବ୍ରାହ୍ମଣ ଡକାଇ । ପୂଜା କରିବ ଉମାସାଇଁ ॥

ସ୍ଥାନକୁ ମାର୍ଜନ କରିବ । ଉତ୍ତମ ଆସ୍ଥାନ ସ୍ଥାପିବ ॥
ଗୁବାକ୍ଷ ରଖିବ ତାପରେ । ଗଣେଶ ରହିବେ ବାମରେ ॥
ଗନ୍ଧ ଚନ୍ଦନ ପୁଷ୍ପ ଦେଇ । ଭକ୍ତିରେ ପୂଜ ଉମାସାଇଁ ॥
ତ୍ରିଶାଖା ବେଲପତ୍ରୀମାନ । ଯତ୍ନେ କରାଇ ଆବାହନ ॥
ଧୂପ ଦିପାଦି ଆବାହନ । କରିଣ ଶିବ ମନ୍ତ୍ର ଜାଣ ॥
ଶର୍କରା ଦୁଧ ଯେ କଦଳୀ । ଗଞ୍ଜାଇ ବାଟି ପଣା ଗୋଳି ॥
ଚିନ୍ତିଣ ଆଖଣ୍ଡଳମଣି । ପୂଜା କରିବ ବିପ୍ରେ ଆଣି ॥
ତିନି ବଳିତା ଲଗାଇବ । ଓଁ ନମଃ ଶିବାୟ କହିବ ॥
ଭକ୍ତିରେ ସାଷ୍ଟାଙ୍ଗେ ନମିଣ । ପଶିବ ପୟର ଶରଣ ॥
ପୂଜାର ଶେଷେ ପ୍ରସାଦକୁ । ବାଣ୍ଟିଣ ଦେବେ ସମସ୍ତଙ୍କୁ ॥
ଧଣ୍ଡାକୁ ବିଶ୍ୱାସେ ପାଇବ । ତ୍ରିମୁକ ଜଳେ ପକାଇବ ॥
ଏହା ଯେ ବିଶ୍ୱାସ କରଇ । ସକଳ ଦୁଃଖ ନାଶ ଯାଇ ॥
ଶ୍ରଦ୍ଧାରେ ପଢ଼ି ଯେ ଶୁଣାଏ । ସେ ଚତୁବର୍ଗ ଫଳପାଏ ॥
ବାଞ୍ଝୀ ମଡ଼ଛି ଯେତେ ନାରୀ । ଏହା ଶୁଣିଣ ଯିବେ ତରି ॥
ଦରିଦ୍ର ହେବେ ଧନେଶ୍ୱର । ଅପୁତ୍ରୀ ଲଭିବେ କୁମର ॥
ଗ୍ରହ ଦୁର୍ଦ୍ଦଶା ହେବ କ୍ଷୟ । ସର୍ବଦା ହେବେ ଶତ୍ରୁ ଜୟ ॥
ଅନ୍ଧ ବଧୀର ଲୋକଚୟ । ଦେଖିବେ ଶୁଣିବେ ନିଶ୍ଚୟ ॥
ନୃପତି ଦ୍ୱାରେ ହେବ ଯଶ । ସଂସାରେ ଲଭିବ ପୌରୁଷ ॥
ଅପମୃତ୍ୟୁରୁ ପାର ହେବ । ବହୁତ ଆୟୁଷ ବଢ଼ିବ ॥
ଅନ୍ନ ବସ୍ତ୍ରରେ ହେବ ସୁଖୀ । ଯମ ଦଣ୍ଡକୁ କିବା ଲେଖି ॥
ଦୟା କରିବେ ପଞ୍ଚ ମୁଖ । ଅନ୍ତେ ଲଭିବ ସ୍ୱର୍ଗ ସୁଖ ॥
ଭକ୍ତଙ୍କ ଦୁଃଖ ନାଶ ଯାଇ । ଏ ମହା ମେଳା ପ୍ରଚାରଇ ॥
ଏସନ ଆଜ୍ଞା ଦେଇ ହର । ହୋଇଲେ ସେଠାରୁ ଅନ୍ତର ॥
ପ୍ରଭୁଙ୍କ ଚରଣକୁ ଧ୍ୟାୟୀ । ଦୀନ ଦେବ ଦାସ କହଇ ॥
ଏ ଗୀତ ହେଲା ସମାପନ । ଆନନ୍ଦେ ଭଜ ପଞ୍ଚାନନ ॥

ସମାପ୍ତ

ମୂଲ୍ୟ-୧୫/-

ପ୍ରକାଶକ ଓ ପ୍ରାପ୍ତିସ୍ଥାନ :

ଧେତୀ ବିଦ୍ୟାଭଣ୍ଡାର

ବାଦାମବାଡ଼ି, କଟକ-୯

ଫୋନ୍ : ୦୬୭୧-୨୩୧୦୮୨୦, ମୋ. : ୯୮୬୧୧୭୧୭୮୭